**ସଂକ୍ଷେପରେ**

## ଦୁଇ ବାଇକ୍ ଧକ୍କା, ଜଣେ ଗୁରୁତର

ପାପଡ଼ାହାଣ୍ଡି,୧୫।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ପିତାରିଗୁଡା ରାସ୍ତାରେ ଶୁକ୍ରବାର ଅପରାହ୍ନରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଜଟାବାଲ ପଞ୍ଚାୟତ ବଣୁଆଗୁଡାର ଫଗନୁ ଲୋହରା। ଫଗନୁ ତାଙ୍କ ସାଙ୍ଗ ପ୍ରଭୁସାଇ ଭତରା ଓ କୃଷ୍ଣ ଭତରାଙ୍କ ସହ ଏକ ବାଇକ୍ (ଓଡି-୨୪ଇ-୬୫୩୯)ରେ ଗର୍ଭରାଇ ଚୈତ୍ରଯାତ୍ରା ଦେଖିବାକୁ ଆସିବା ବେଳେ ଆଉ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଫଗନୁଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିଲା। ଗୁରୁତର ଫଗନୁଙ୍କୁ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଗୁଡ୍ ଫ୍ରାଇଡେରେ ସାମୂହିକ ପ୍ରାର୍ଥନା



ଧୋଡ୍ରା, ୧୫।୪(ଡି.ଏନ୍.ଏ. )-ନବରଙ୍ଗପୁର କୋଇଗାଁସ୍ଥିତ ସର୍ବଗୋଷ୍ଠୀୟ ପ୍ରାର୍ଥନା କେନ୍ଦ୍ର ଚର୍ଚ୍ଚ ପରିସରରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନେ ଗୁଡ୍ ଫ୍ରାଇଡେ ପାଳନ କରିଛନ୍ତି। ରେଭ୍ ବାବା ପାଉଲ ରାଉତଙ୍କ ତତ୍ତ୍ୱାବଧାନରେ ଗୀର୍ଜା ଘରେ ସାମୂହିକ ପ୍ରାର୍ଥନା ସଭା ହୋଇଥିଲା। ଏହି ସମୟରେ ବାଇବେଲ ପାଠ କରାଯାଇଥିଲା। ବାଇବେଲର ସତ୍ୟବାଣୀ ଓ ଭବିଷ୍ୟବାଣୀ ଉପରେ ଆଲୋକପାତ କରାଯାଇଥିଲା। ଧୋଡ୍ରା, ଡୁରୁଞ୍ଜି, ଚାଟିଗୁଡା, କାନାକୋଟରେ ଥିବା ଚର୍ଚ୍ଚରେ ମଧ୍ୟ ସାମୂହିକ ପ୍ରାର୍ଥନା ସହ ଗୁଡ୍ ଫ୍ରାଇଡେ ପାଳିତ ହୋଇଛି।

## ଏନ୍.ଅହମ୍ମଦଙ୍କ ଶ୍ରାଦ୍ଧବାର୍ଷିକୀ

ପାପଡ଼ାହାଣ୍ଡି,୧୫।୪(ଡି.ଏନ୍.ଏ.)- ମହମ୍ମଦ ବାଜିଙ୍କ ପୁଅ ତଥା ଅବିଭକ୍ତ କୋରାପୁଟ ଜିଲାର ବିଶିଷ୍ଟ ଶ୍ରମିକ ନେତା, ବରିଷ୍ଠ ସାମାଜିକ କର୍ମୀ ଏନ୍. ଅହମ୍ମଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାପଡ଼ାହାଣ୍ଡି ରାଜମିସ୍ତ୍ରି ସଂଘ କାର୍ଯ୍ୟାଳୟରେ



ଶୁକ୍ରବାର ପାଳିତ ହୋଇଯାଇଛି। ସଭାପତି ଈଶ୍ୱର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ପୂର୍ବତନ ବିଧାୟକ ସଦନ ନାୟକ, ଜିଲା ଓକିଲ ସଂଘ ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ, ତହସିଲଦାର ଯୋଗେଶ୍ୱର ଭୋଇ, ସିରାଜୁଦ୍ଦିନ ଅହମ୍ମଦ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏନ୍.ଅହମ୍ମଦଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## 'ମୋ କାଳିଆରେ' ଲୋକାର୍ପିତ

ଉମରକୋଟ,୧୫।୪(ସ୍ୱ.ପ୍ର.)- ଉମରକୋଟର ସୁପ୍ରତିଷ୍ଠିତ ଗୀତିକବି ହିମାଂଶୁ ଆଚାରୀଙ୍କ ରଚିତ ଏକ ଜଗନ୍ନାଥ ଜଣାଣ 'ମୋ କାଳିଆରେ' ଲୋକାର୍ପିତ ହୋଇଛି। ଜୟଶ୍ରୀ ଦେବୀ ସଙ୍ଗୀତ ନିର୍ଦ୍ଦେଶନା ଓ ସ୍ୱର ସଂଯୋଜନା କରିଛନ୍ତି। ନୟାଗଡ଼ସ୍ଥିତ ଶ୍ରୀ ସୃଜନ ବ୍ୟାନରରେ ପ୍ରସ୍ତୁତ ଏହି ଜଣାଣକୁ କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ମହାପାତ୍ର ନିଜ ସ୍ୱରରେ ସଜାଇଛନ୍ତି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି ମୁଖ୍ୟ ଅତିଥି, ଫକୀରମୋହନ ପାଠଶାଳା ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, କବି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ଜଣାଣଟିକୁ



ଶ୍ରୀସୃଜନ ୟୁଟ୍ୟୁବ ଚ୍ୟାନେଲରେ ଦର୍ଶକମାନେ ଦେଖି ମତାମତ ଦେଇପାରିବେ ବୋଲି ଗୀତିକାର ହିମାଂଶୁ ଆଚାରୀ କହିଛନ୍ତି।

## ଖବରଦାତାଙ୍କ ସ୍ମୃତିସଭା

କୋରାପୁଟ,୧୫।୪(ସ୍ୱ.ପ୍ର)- କୋରାପୁଟର ବରିଷ୍ଠ ଖବରଦାତା ତଥା ପ୍ରେସ କ୍ଲବର ଉପସଭାପତି ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ସ୍ମୃତିସଭା କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ପାଳନ କରାଯାଇଛି। ପ୍ରେସ କ୍ଲବ ସଭାପତି ଭବାନିଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତି ସଭାରେ ଡିଆଇପିଆରଓ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲାର ବହୁ ଖବରଦାତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅମର ଆତ୍ମା ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶାର ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ, ଅଧ୍ୟାପକ ରବି ଶତପଥୀ, ପ୍ରେସ କ୍ଲବର ସମ୍ପାଦକ ଅମିତାଭ ବେହେରା, କୋଷାଧ୍ୟକ୍ଷ ଘନଶ୍ୟାମ ରଥ, ବରିଷ୍ଠ ଖବରଦାତା ସିଏଚ ସାନ୍ତାକାର ପ୍ରମୁଖ ଉପସ୍ଥିତ ଥିଲେ।

# ମନ ମୋହିଲା ନାଟକ 'ବହି', 'ଅମୃତ ସାଗର ବିନ୍ଦୁ'

**ଷୋଡଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ଦାମନଯୋଡି,୧୫।୪(ଡି.ଏନ୍.ଏ.)

ଜଣେ ଲେଖକଙ୍କର ବହି ଯଦି ପ୍ରକାଶିତ ହୁଏ, ତେବେ ତାହା ତାଙ୍କୁ ବହୁ ଖୁସି ଦିଏ। କିନ୍ତୁ ଆଜିର ସମୟରେ ଲୋକେ ବହି କିଣୁନାହାନ୍ତି। ତଥାପି ସବୁ ସହି ଲେଖକ ବହି ଛପାଉଛନ୍ତି। ସେମିତି ବନମାଳୀ ବାବୁ ବହି ଛପାଉଛନ୍ତି, ଉନ୍ମୋଚନ କରୁଛନ୍ତି ଓ ବିଭିନ୍ନବ୍ୟକ୍ତି ବିଶେଷଙ୍କୁ ଉପହାର ବି ଦେଉଛନ୍ତି। ଅବଶ୍ୟ ତାଙ୍କ ସ୍ତ୍ରୀ ଶକୁନ୍ତଳାଙ୍କୁ ତାଙ୍କ ଏଭଳି କାର୍ଯ୍ୟ ପସନ୍ଦ ନାହିଁ। ତେବେ ନିଜ ଝିଅ ବିବାହବେଳେ ସମସ୍ତଙ୍କୁ ବହି ଉପହାର ଦେବାବେଳେ କଣ ହେଲା, ଏହାକୁ ନେଇ ଷୋଡଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଡ୍ରାମା ଚେତନା, ସୋହେଲା ପକ୍ଷରୁ ପରିବେଷିତ ନାଟକ 'ବହି' ଗତିଶୀଳ। ଅଶୋକ କୁମାର ବହିଦାରଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଡ. ତୁଷାରକାନ୍ତ ସାହୁ। କ୍ଷୀରୋଦ ସାହୁ, ଦିଲ୍ଲୀପ କୁମାର ଷଡଙ୍ଗୀ,ତୁଳସୀରାମ ପାଣି, ବୁଦ୍ଧଦେବ ଭୋଇ, ପି. ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ନାୟକ, କନକ ଦଣ୍ଡସେନା ଏଥିରେ ଅଭିନୟ କରିଥିଲେ।

ଚତୁର୍ଥ ସନ୍ଧ୍ୟାର ଦ୍ୱିତୀୟ ନାଟକ ଥିଲା 'ଅମୃତ ସାଗର ବିନ୍ଦୁ'। ଏହାକୁ ସମ୍ବଲପୁର



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ପରିବେଷଣ କରିଥିଲେ। ବିରୁପାକ୍ଷ ପ୍ରଧାନଙ୍କ ରଚନାରେ ନିର୍ଦ୍ଦେଶନା ଦେଇଥିଲେ ଜଗଦାନନ୍ଦ ପ୍ରଧାନ। ଆଜିର ଦୁନିଆରେ ମଣିଷ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବା ଦୌଡ଼ରେ ପରସ୍ପର ସ୍ନେହ ପ୍ରେମ ଭଲପାଇବାକୁ ଦଳି ଚକଟି ଦେଉଛି। ଯେମିତି ନାଟକରେ ପ୍ରତିଷ୍ଠିତ ଜଣେ ଶିଳ୍ପପତି ରକ୍ତ ସମ୍ପର୍କକୁ ବଳି ପକାଇଛନ୍ତି। ଜଣେ ଜନ୍ମାନ୍ଧ ୧୪ବର୍ଷ ଝିଅ ବିନ୍ଦୁ ବାପା ଓ କକାଙ୍କ ଆଖିରେ ଦୁନିଆ ଦେଖୁଛି। ତାକୁହିଁ ନେଇ ନାଟକ ମୋଡ଼ ବଦଳୁଛି। ଗୋଟିଏ ପଟେ ଶିଳ୍ପପତି ଆଦିତ୍ୟ ବଳିଆରସିଂ ଓ ଅନ୍ୟପଟେ ସମାଜିକ କର୍ମୀ ଅମୃତ ମହାପାତ୍ର।

ଚତୁର୍ଥ ସନ୍ଧ୍ୟାକୁ ନାଲକୋ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶିଲ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଶ୍ରୀକାନ୍ତ କୁମାର ସାହୁ ଓ ନିର୍ମଳ କୁମାର ରାଉତ ଚତୁର୍ଥ ସନ୍ଧ୍ୟାରେ ମଞ୍ଚ ସଂଯୋଜନା କରିଥିଲେ। ଶୁକଦେବ ପଟାୟତ, ରଶ୍ମୀ ରଞ୍ଜନ ସେଠୀ, ସୁଶାନ୍ତ କୁମାର ଦାସ, ବୈକୁଣ୍ଠ ବିଶ୍ୱାଳ, ଅରୁଣ କୁମାର ମିଶ୍ର ଓ ମୁରଲୀଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ରାୟଗଡ଼ା ଜିଲା ଗୁଣପୁର ଉତ୍କଳ ଯୁବସଂଘ ପକ୍ଷରୁ ତେଲଙ୍ଗାନା ରାଜ୍ୟର ହାଇଦ୍ରାବାଦଠାରେ ପଣା ସଂକ୍ରାନ୍ତି ସମାରୋହରେ କଳାକାରମାନେ ଓଡ଼ିଶୀ ନୃତ୍ୟ କରୁଛନ୍ତି । ଏହି ଅବସରରେ ସମ୍ବଲପୁରୀ ନୃତ୍ୟ, ଆଧୁନିକ ଓ ଲୋକନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ତେଲଙ୍ଗାନାର ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପ୍ରୀୟଦର୍ଶନୀ ଦାସ ଓ ଏଆଇଜି ହସ୍ପିଟାଲର ଇଣ୍ଟରନାଲ ମେଡିସିନ୍ ବିଭାଗ ମୁଖ୍ୟ ଡାକ୍ତର ଅଶୋକ ଦାସ ଯୋଗ ଦେଇଥିଲେ ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ୯ ଗିରଫ

ଜୟପୁର,୧୫।୪(ନି.ପ୍ର.)

ଜୟପୁର ସହରରେ ଜୁଆଖେଳ ଚାଲିଥିବା ବେଳେ ୨ଟି ସ୍ଥାନରେ ଟାଉନ ଥାନା ପୋଲିସ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଛି। ପ୍ରଥମେ ସହରର ଏକ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ପୁରୁଣାଗଡ଼ର ହରି ପୂଜାରୀ, ରାଜୁ ସାହିର ସନ୍ତୋଷ ନାୟକ ଓ କୁମ୍ଭାରସାହିର ପ୍ରକାଶ ନାଗ । ଗିରଫ ଅଭିଯୁକ୍ତଙ୍କଠାରୁ ୮ ,୨୩୦ ଟଙ୍କା, ତାସ କାର୍ଡ ଜବତ ହୋଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି । ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ମୁଖୀ ଖୁଡୁପି ଗ୍ରାମରେ ଜୁଆଖେଳ ଚାଲୁଥିବା ଖବର ପାଇ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଲୋକନାଥ ଖରା, ପୂର୍ଣ୍ଣ ପାଙ୍ଗୀ, ରୂପଧର ଖରା, ବୁଲୁ ହରିଜନ, ଜଳକନାଥ ହରଜିନ ବୋଲି ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

## ମାଁ ବନଦୁର୍ଗାଙ୍କ ଘଟଯାତ୍ରା ଉଦ୍‌ଯାପିତ



ମାଁ'ଙ୍କ ଘଟ ସାଇ ପରିକ୍ରମା କରୁଛି ।

ମୁନିଗୁଡ଼ା, ୧୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ାର ପ୍ରସିଦ୍ଧ ମାଁ ବନଦୁର୍ଗାଙ୍କ ଘଟଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କମିଟିର ସର୍ବଶ୍ରୀ ବୁଡୁ ନାଗ ଓ ମନ୍ଦିରର ପୂଜକ ମୁରଲି ବେହେରାଙ୍କ ମିଳିତ ତତ୍ତ୍ୱାବଧାନରେ ୫ ଦିନ ଧରି ଚାଲିଥିବା ଘଟଯାତ୍ରାରେ ମାଣିକେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜାରୀ କମଳ ଲୋଚନ କଡୁ ମାଁ ଙ୍କ ପାରମ୍ପରିକ ଟାଙ୍ଗୁଡ଼ି, ଖଣ୍ଡା ଓ ଘାଟହାଣ୍ଡିଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିସରରୁ ପାରମ୍ପରିକ ବାଦ୍ୟ ସହ ଘଟହାଣ୍ଡିକୁ ମୁଣ୍ଡରେ ବୋହି ବିଭିନ୍ନ ସାହି ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ସାହିରେ ମହିଳାମାନେ ମାଁଙ୍କୁ ଘର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟେକ ଦିନ ଘଟ ପରିକ୍ରମା କରି ମଣ୍ଡପ ପାଖକୁ ପହଞ୍ଚିବା ପରେ ପୂଜକଙ୍କ ଦ୍ୱାରା ବେଜୁଣି ନାଚ ସମାପ୍ତି ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏହି ଘଟଯାତ୍ରା ସମସ୍ତ ରୀତିନୀତି ଅନୁଯାୟୀ ଉଦ୍‌ଯାପିତ ହୋଇଛି। ଏତାପରେ ପୁଣି ପାରମ୍ପରିକ ବାଦ୍ୟ ସହ ପୂଜକ ମାଁଙ୍କ ଘଟହାଣ୍ଡିକୁ ମୁଣ୍ଡରେ ବୋହି ଗ୍ରାମ ପରିକ୍ରମା କରିଥିଲେ।

## କାଚ ଗୁଣ୍ଡ ତଳେ ଚାଲାଣ ହେଉଥିଲା ଗଞ୍ଜେଇ

### ଟ୍ରକ୍‌ରୁ ୧୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ



ରାୟଗଡ଼ା ଅଫିସ/କୋଲନରା, ୧୫।୪(ଡି.ଏନ୍.ଏ.)

ଅଭିନବ ଉପାୟରେ ରାୟଗଡ଼ାରୁ ଉତ୍ତର ପ୍ରଦେଶକୁ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ପକ୍ଷରୁ ଅଧୀକ୍ଷକ ନୈନା ବେଉରାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ସକାଳେ ଚଢ଼ାଉ କରାଯାଇ ୨ କୁଇଣ୍ଟାଲ ୪୦ କେ.ଜି. ୫ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତର ପ୍ରଦେଶ ଇଟାଓ୍ୱା ଅଞ୍ଚଳର ଟ୍ରକ ମାଲିକ ଜଗଦୀଶ ନାରାୟଣ ଯାଦବ(୬୦), ଚାଳକ ଅଜୟ ଯାଦବ (୨୨) ଓ ହେଲପର ସୁନୀଲ ତୋମାର। ସୂଚନା ଅନୁଯାୟୀ, ଏକ ଟ୍ରକ୍(ୟୁପି ୭୫ ଏମ୍ ୨୨୭୨) ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିଥିଲା। ଅବକାରୀ ଅଧୀକ୍ଷକଙ୍କ ସମେତ ଅଧିକାରୀ ସୂର୍ଯ୍ୟ ନାରାୟଣ ରଥ ଏବଂ ଟିମ୍ ଚଢ଼ାଉ କରି ମୀନାଖୋଲା ନିକଟସ୍ଥ ୩୨୬ ନମ୍ବର ଜାତୀୟ ରାଜପଥରେ ଗଞ୍ଜେଇ ଟ୍ରକ୍‌କୁ ଅଟକାଇଥିଲେ। ଯାଞ୍ଚବେଳେ ଟ୍ରକ୍ ପଛ ଡାଲାରେ ଭଙ୍ଗା କାଚଗୁଣ୍ଡ ତଳୁ ୮ବସ୍ତା ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଏବଂ ଟ୍ରକ୍‌କୁ ଜବତ କରାଯାଇ ତଦନ୍ତ ଚାଲିଛି। ଗଞ୍ଜେଇର ମୂଲ୍ୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ସାମାଜିକ ନ୍ୟାୟ ପକ୍ଷ ପାଳିତ



ଉମରକୋଟ, ୧୫।୪(ସ୍ୱ.ପ୍ର.)

ଭାଜପା, ଅନୁସୂଚିତ ଜନଜାତି ମୋର୍ଚ୍ଚା ଏବଂ ମହିଳା ମୋର୍ଚ୍ଚା ପକ୍ଷରୁ ସେମଳା ପଞ୍ଚାୟତରେ ସାମାଜିକ ନ୍ୟାୟ ପକ୍ଷ ଦିବସ ପୂର୍ବତନ ସେମଳା ସରପଞ୍ଚ ଗୁରୁବାରୁ ମାଝିଙ୍କ ସଭାପତିତ୍ୱରେ ପାଳନ ହୋଇଯାଇଛି। ଅନୁସୂଚିତ ଜନଜାତି କଲ୍ୟାଣ ଯୋଜନାରେ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରି ଅନୁସୂଚିତ ଜନଜାତିଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହୋଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଛି। ଅଲେଖ ମହିମା, ସାଗରିକା, ମା କାଳୀ, ମା ଠାକୁରାଣୀ, ମା ମଙ୍ଗଳା, ଆଲ୍ଲା ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ରାଜ୍ୟ ସଂଖ୍ୟାଲଘୁ ସେଲ୍ ଉପସଭାପତି କାଜମ୍ ମଦାନି ଏବଂ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ନଗର ସାଧାରଣ ସମ୍ପାଦକ ଚିନ୍ମୟ ପଟ୍ଟନାୟକ, ବାପି ମଲ୍ଲିକ, ରିଙ୍କି ଗଣ୍ଡ, ସୁରେଶ ଆଚାର୍ଯ୍ୟ, ସତ୍ୟବତୀ ନାୟକ, କୁନ୍ତଳା ଜାଲ, ସନ୍ତୋଷୀ ଜାନି, ସେମଳା ମଣ୍ଡଳ ସଭାପତି ଭଜନାଥ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନ ପ୍ରଚେଷ୍ଟାରେ ଫେରିଲେ ୭୧ ଦାଦନ ଶ୍ରମିକ

ନବରଙ୍ଗପୁର,୧୫।୪ (ବି.ପ୍ର.)

ତେଲେଙ୍ଗାନାର ଏକ ଇଟାଭାଟିରେ ନିର୍ଯ୍ୟାତନା ପାଉଥିବା କେତେଜଣ ଦାଦନ ଶ୍ରମିକଙ୍କୁ ଜିଲା ପ୍ରଶାସନ ଫେରାଇ ଆଣିଛି। ଏହି ଦାଦନ ଶ୍ରମିକମାନେ ନବରଙ୍ଗପୁରରେ ପହଞ୍ଚିବା ପରେ ଜିଲା ଶ୍ରମ ବିଭାଗ ଓ ଜିଲା ଆଞ୍ଚଳିକ ପରିବହନ ବିଭାଗ ସେମାନଙ୍କୁ ନିଜ ଗାଁକୁ ପଠାଇଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଚାନ୍ଦାହାଣ୍ଡି ବ୍ଲକ ମାଲଗାଁରୁ ୨୬ ମହିଳା, ୨୧ ପୁରୁଷ ଓ ୨୪ ଶିଶୁ ମାହରା ପଞ୍ଚାୟତ ବଇରଗୁଡା ଗାଁର ସନ୍ତୋଷ ସାହୁଙ୍କ ସହ ତେଲେଙ୍ଗାନାର ପେଇଦାପାଲି ଗ୍ରାମକୁ ଦାଦନ ଖଟିବାକୁ ଯାଇଥିଲେ। ସନ୍ତୋଷ ଶ୍ରମିକମାନଙ୍କୁ ଆର୍‌ଆର୍‌ଆର୍ ବ୍ରିକ୍ସ ମାଲିକ ରାଜୁଙ୍କ ପାଖରେ ଛାଡିଦେଇ ଚାଲି ଆସିଥିଲେ। ଭାଟି ମାଲିକ ଶ୍ରମିକମାନଙ୍କୁ ନିର୍ଯ୍ୟାତନା ଦେଇ ସେମାନଙ୍କ ପାରିଶ୍ରମିକ ଦେଉ ନ ଥିଲେ। ଶ୍ରମିକମାନେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ଯୋଗାଯୋଗ କରି ସେଠାରୁ ନେଇଯିବାକୁ ନିବେଦନ କରିଥିଲେ। ଏମ୍‌ପି ମଣ୍ଡଳ ଶ୍ରମ ଆୟୁକ୍ତଙ୍କ ସହ ଯୋଗାଯୋଗ କରି ଅତିଶୀଘ୍ର ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମ ବିଭାଗ ପକ୍ଷରୁ ଭାଟି ମାଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା। ଭାଟି ମାଲିକ ରାଜୁ ନିଜ ଖର୍ଚ୍ଚରେ ଏକ ଟ୍ରକ୍ ଯୋଗେ ଶ୍ରମିକମାନଙ୍କୁ ନବରଙ୍ଗପୁର ପଠାଇଥିଲେ। ଏହାପରେ ଜିଲା ଶ୍ରମ ବିଭାଗ ଓ ଜିଲା ଆଞ୍ଚଳିକ ପରିବହନ ବିଭାଗ ଶ୍ରମିକମାନଙ୍କୁ ମାଲଗାଁ ପଠାଇଥିଲେ। ଏ ନେଇ ମଣ୍ଡଳ ଶ୍ରମ ଆୟୁକ୍ତ କୁବେର ବେହେରାଙ୍କୁ ପଚାରିବାରୁ ଶ୍ରମିକମାନେ ବାହାର ରାଜ୍ୟକୁ ଯିବା ପୂର୍ବରୁ ନିଜ ଠିକଣା, କେଉଁ ରାଜ୍ୟରେ କାମ କରିବେ, ମାଲିକଙ୍କ ଠିକଣା, କେତେଦିନ କାମ କରିବେ ତାହା ସ୍ଥାନୀୟ ପଞ୍ଚାୟତ ଅଫିସ୍, ପୋଲିସ ଓ ଶ୍ରମ କାର୍ଯ୍ୟାଳୟରେ ଜଣାଇବାକୁ ହେବ ବୋଲି ସେ କହିଛନ୍ତି।



ତେଲଙ୍ଗାନାରୁ ଫେରିଥିବା ଦାଦନ ଶ୍ରମିକମାନେ ।

## ଜମିଲା ଗର୍ଭରାଇ ଚୈତ୍ରଯାତ୍ରା



ଗର୍ଭରାଇ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ପାପଡ଼ାହାଣ୍ଡି,୧୫।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ଗର୍ଭରାଇ ଶୁକ୍ରବାର ଚୈତ୍ରଯାତ୍ରା ଲାଗି ଚଳଚଞ୍ଚଳ ହୋଇ ଉଠିଥିଲା। ଦୀର୍ଘ ୨ବର୍ଷ ପରେ ଏହି ଯାତ୍ରା ହେଉଥିବାରୁ ପୀଠରେ ପ୍ରବଳ ଭିଡ଼ ଜମିଥିଲା। କଳସୀଯାତ୍ରା ପରେ ସମସ୍ତେ ପୂଜାର୍ଚ୍ଚନା କରିଥିଲେ। ମାନସିକ ସହ ସାଧାରଣ ଭକ୍ତ ମେଣ୍ଢା ଛେଳି ଆଦି ବଳି ପକାଇଥିଲେ। ଯାତ୍ରା ପଡ଼ିଆରେ ଉଠାଦୋକାନୀଙ୍କ ପସରା ଜମିଥିଲା। ରାତିରେ ଦେଶିଆ ନାଚର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗ୍ରାମର ଲୋକେ ନୂଆ ଆମ୍ବ ଖାଇଥିଲେ।

## ନର୍ସିଂ କଲେଜରେ କ୍ୟାଣ୍ଟିନ ଉଦ୍‌ଘାଟିତ

ଝରିଗାଁ,୧୫।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତ ସଦରଠାରେ ଅନୁଷ୍ଠିତ ବି. ବି. ଛାଟୋଇ ନର୍ସିଂ ସ୍କୁଲ ଓ କଲେଜରେ ଶୁକ୍ରବାର କ୍ୟାଣ୍ଟିନ ଉଦ୍‌ଘାଟିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ମୁନ୍ ଲାଇଟ୍ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ନର୍ସ କଲେଜ ୨୦୧୧ ମସିହାରେ ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟରୁ ପ୍ରାୟ ୨ଶହ ଛାତ୍ରୀଛାତ୍ର ଅଧ୍ୟୟନ ତଥା ତାଲିମ ଗ୍ରହଣ କରୁଛନ୍ତି। ଏଠାରେ ସୁଲଭ ମୂଲ୍ୟରେ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ କ୍ୟାଣ୍ଟିନ୍ ଖୋଲାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ଏମ୍‌ଡି ପ୍ରସାଦ କୁମାର ଛାଟୋଇ, ସରପଞ୍ଚ ମହେନ୍ଦ୍ର ଭତ୍ରା, ସମିତି ସଭ୍ୟ ମହେଶ୍ୱର ହରିଜନ, ପୂର୍ବତନ ସରପଞ୍ଚ ଅରବିନ୍ଦ ଗୁପ୍ତା, ସନ୍ତୋଷ ବିଶୋଇ, କେଦାରେଶ୍ୱର ପଟ୍ଟନାୟକ, ବଂଶୀଧର ଭୂୟାଁଙ୍କ ସମେତ ଅନୁଷ୍ଠାନର ଅଧ୍ୟକ୍ଷା ସଫିଆରାନି ସୋଗୋରିଆ, ଅରୁନ୍ଧତୀ ବିଶ୍ୱାସ, ସ୍ନେହାଳିକା ପଟ୍ଟନାୟକ, ପ୍ରଜ୍ଞା ପ୍ରତିମା ଗିରି, ଜ୍ୟୋତିରାଣୀ ବାଘ, ପଲ୍ଲବୀ ନାୟକ, ସଂଗ୍ରାମ ହରିଜନ, ରାଜେଶ କୁମାର ସାମନ୍ତରାୟ ଏବଂ ରାଜେଶ୍ୱରୀ ବଣିଆ ଉପସ୍ଥିତ ରହିଥିଲେ।



ଏମ୍‌ପି ରମେଶ ଚନ୍ଦ୍ର ମାଝି କ୍ୟାଣ୍ଟିନ ଉଦ୍‌ଘାଟନ କରୁଛନ୍ତି।

# ନିର୍ମାଣ ପରଠାରୁ ରାୟଗଡ଼ା-ଚାଟିକଣା ରାସ୍ତା ଅବସ୍ଥା ଶୋଚନୀୟ

- ନିମ୍ନମାନର କାମ ଅଭିଯୋଗ
- ତଦାରଖ ଅଭାବରୁ ରାସ୍ତା ନଷ୍ଟ, ମରାମତି ନେଇ ଆନ୍ତରିକତା ନାହିଁ

ବିଷମକଟକ,୧୫।୪(ଡି.ଏନ୍.ଏ.)

ଗମନାଗମନର ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍କାରାସ୍ତା ନିର୍ମାଣ କରାଯାଉଛି। ଉନ୍ନତମାନର ରାସ୍ତା ନିର୍ମାଣ ଓ ପରେ ରକ୍ଷଣାବେକ୍ଷଣ ପାଇଁ ଅନେକ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ରାସ୍ତାକାମର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଯୋଗୁ ଅନେକ ସ୍ଥାନରେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରୁନାହିଁ। ରାୟଗଡ଼ାଠାରୁ ବିଷମକଟକ ବ୍ଲକର ଚାଟିକଣା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତାରୁ ଏହା ସ୍ପଷ୍ଟ ହେଉଛି। ଏହିରାସ୍ତା ନିର୍ମାଣ କାର୍ଯ୍ୟ ୨୦୧୮-୧୯ ରେ ରାୟଗଡ଼ା ପୂର୍ତ୍ତ ବିଭାଗ-୧ ଅଧୀନରେ ଆରମ୍ଭ ହୋଇ ବର୍ଷେ ମଧ୍ୟରେ କାମ ସରିଥିଲା। ପରିତାପର ବିଷୟ ହେଲା ନିର୍ମାଣ ସରିବାର ମାତ୍ର କିଛିଦିନ ମଧ୍ୟରେ ହିଁ ରାସ୍ତା ନଷ୍ଟ ହେବା ଆରମ୍ଭ ହୋଇଥିଲା। ଏବେ ଏହି ରାସ୍ତାର ଅବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ନିମ୍ନମାନର କାମ ଯୋଗୁ ଏହି ରାଜପଥର ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।



ରାୟଗଡ଼ା– ଚାଟିକଣା ରାସ୍ତା ଖାଲଖମାରେ ଭର୍ତ୍ତି ।

୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ଟେଣ୍ଡର ମାଧ୍ୟମରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ତେବେ ନିମ୍ନମାନର କାମ ହୋଇଥିବାରୁ ଏହି ରାସ୍ତାରେ ତରବରିଆଭାବେ ଧଳା ରଙ୍ଗର ଗାର ମାରିବା ସହ ରାସ୍ତାପାର୍ଶ୍ୱରେ ସୁରକ୍ଷା ପାଇଁ ବିଭାଗର ଏସ୍‌ଡିଓ ଲୁହାର ବ୍ୟାରିକେଡ୍ ଲଗାଇ ଦାୟିତ୍ୱ ସାରି ଦେଇଥିଲେ। ଏମିତିକି କାମ ସମୟରେ ବ୍ୟୟ ବରାଦ ବିଷୟରେ କୌଣସି ଫଳକ ଲାଗି ନ ଥିଲା। ଉନ୍ନତ ମାନର ରାସ୍ତା ପାଇଁ କାମର ତଦାରଖ ନିମନ୍ତେ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। କାମ ଚାଲିଥିବା ସମୟରେ ସେମାନେ ଉପସ୍ଥିତ ରହୁ ନ ଥିବାରୁ ଏଭଳି ନିମ୍ନମାନର କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସମୟରେ ଅଧିକାରୀମାନେ ଅଫିସରେ ବସି ସବୁ କାମ ସାରିଦେଲେ। ନିମ୍ନମାନର କାମ ହୋଇଥିଲେ ମଧ୍ୟ ଯାଞ୍ଚ ନ କରି କାମ ଠିକ୍ ଥିବା ଦର୍ଶାଇ ଠିକାଦାରଙ୍କୁ ସମସ୍ତ ବକେୟା ଟଙ୍କା ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ କହିଛନ୍ତି।

ଏହି ରାସ୍ତାରେ ବିଭିନ୍ନ ଅଧିକାରୀ ଏବଂ ଖୋଦ୍ ଜିଲାପାଳ ଯାତାୟାତ କରୁଛନ୍ତି। ତଥାପି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ନିମ୍ନମାନର ରାସ୍ତାକାମ ବିଷୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଖରାଙ୍କୁ ବାରମ୍ବାର ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଉନାହାନ୍ତି। ରାୟଗଡ଼ାସ୍ଥିତ ତାଙ୍କ କାର୍ଯ୍ୟାଳୟକୁ ଯାଇ ପଚାରିବାରୁ ସେ ଫିଲ୍ଡ କାମରେ ଯାଇଥିବା ଅଫିସ କର୍ମଚାରୀ କହିଥିଲେ। ଅନ୍ୟପକ୍ଷରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅରବିନ୍ଦ କୁମାର ପାଢ଼ୀଙ୍କୁ ପଚାରିବାରୁ ସେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା କହିଥିଲେ। ଆଗାମୀ ଦିନରେ ଏହି ରାସ୍ତାର ମରାମତି କରା ନ ଗଲେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ବିଷମକଟକର ଆଇନଜୀବୀ ଦିଲୀପ କୁମାର ପଟ୍ଟନାୟକ, ଦିଲୀପ ମହାରଣା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନୀଳମାଧବ ହିକ୍କା ପ୍ରମୁଖ ଚେତାବନୀ ଦେଇଛନ୍ତି।

**ଅଡିଟୋରିୟମ ପୁନରୁଦ୍ଧାର ନେଇ ବୈଠକ**

ଜୟପୁର,(ନି.ପ୍ର.)-ଜୟପୁରର ପ୍ରମୁଖ କଳାକାରମାନଙ୍କ ଏକ ବୈଠକ ଧାରେନ ମୋହନ ପଟ୍ଟନାୟକଙ୍କ ଆବାହକତ୍ୱରେ ବସିଥିଲା। ଜୟପୁର ଅଡିଟୋରିୟମର ପୁନରୁଦ୍ଧାର ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ନବ ନିର୍ବାଚିତ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ଯୋଗଦେଇ ଅଡିଟୋରିୟମର ପୁନରୁଦ୍ଧାର ନିଶ୍ଚିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୌରଚନ୍ଦ୍ର ତ୍ରିପାଠୀ, ବିଜୟ ସାମନ୍ତରାୟ, ଗୋପାଳକୃଷ୍ଣ ସାମନ୍ତରାୟ, ସନ୍ତୋଷ ଦାସ, ରବୀନ୍ଦ୍ର ପ୍ରସାଦ ପାତ୍ର, ଗୁପ୍ତ ପାଣିଗ୍ରାହୀ, ମହମ୍ମଦ ସରିଫ, ବିଜୟ ମହାପାତ୍ର, ଅମର ମିଶ୍ର, କିଶୋର ତ୍ରିପାଠୀ, ସୁଧାକର ପଟ୍ଟନାୟକ, କାର୍ତ୍ତିକ ରାଉତ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶଙ୍କର ପ୍ରହାରାଜ ଧନ୍ୟବାଦ ଦେଇଥିଲେ।



# ଘରୋଇ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ବିରୋଧ

**ସରକାରୀ ସଂସ୍ଥାକୁ କେନ୍ଦୁପତ୍ର ଦେବାକୁ ଦାବିକଲେ ପଞ୍ଚାୟତବାସୀ**

- ଘରୋଇ ବ୍ୟବସାୟୀଙ୍କୁ ଏଣିକି କେନ୍ଦୁପତ୍ର ଦେବେନି
- ପାଉନାହାନ୍ତି ଉପଯୁକ୍ତ ପ୍ରାପ୍ୟ, ବୋନସ
- ଗତବର୍ଷର ଟଙ୍କା ଏଯାଏ ପାଇନାହାନ୍ତି ଆଦିବାସୀ

ମାଲକାନଗିରି,୧୫।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ପ୍ରଚୁର ପରିମାଣରେ କେନ୍ଦୁପତ୍ର ସଂଗ୍ରହ ହେଉଥିବା ବେଳେ ଏହାକୁ ସଂଗ୍ରହ କରୁଥିବା ଆଦିବାସୀମାନେ ସେମାନଙ୍କ ଉଚିତ ପାରିଶ୍ରମିକ ପାଉ ନ ଥିବା ଅଭିଯୋଗ ହୋଇଆସୁଛି। ପୂର୍ବରୁ ସେମାନେ ସରକାରଙ୍କୁ କେନ୍ଦୁପତ୍ର ବିକ୍ରି କରୁଥିବା ବେଳେ ୧୦୦ ବିଡ଼ାକୁ ୨୮୦ ଟଙ୍କା ପାଉଥିଲେ। ଏଥିସହ ୧୪୦ ଟଙ୍କା ବୋନସ ଆକାରରେ ସରକାର ଦେଉଥିଲେ। ଏହାଛଡ଼ା ଛତା, ଜୋତା, ପିଲାଙ୍କ ପାଠପଢ଼ା ସହ କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ ଘଟିଲେ ସରକାରୀ ସହାୟତା ମଧ୍ୟ ପାଉଥିଲେ। ମାତ୍ର ରାଜ୍ୟ ସରକାର ଘରୋଇ ସଂସ୍ଥାକୁ କେନ୍ଦୁପତ୍ର ଖରିଦ ପାଇଁ ଅନୁମତି ଦେବାରୁ ତୋଳାଳିମାନେ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ରାଷ୍ଟ୍ରୀୟ ସମାଜସେବୀ ସଂଘ ଓ ୫ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଶିଖପାଲିଠାରେ ଏକ ବୈଠକକରି ସେମାନେ କ୍ଷୋଭ ପ୍ରକାଶ କରିବା ସହ ଏଣିକି ସରକାରଙ୍କୁ କେନ୍ଦୁପତ୍ର ଦେବେ , ଘରୋଇ ସଂସ୍ଥାକୁ ଦେବେନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ସମ୍ପର୍କରେ ସେମାନେ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ମାନବାଧିକାର ସଭାପତି ଏରା ପଡିଆମି, ଜିଲା ପରିଷଦ ସଭ୍ୟ ମୁକା ମାଡକାମି, ସମିତିସଭ୍ୟ ମୁକା ପଡିଆମି, ଶିଖପାଲି ସରପଞ୍ଚ ବିଜୟ କବାସୀ, ପୂର୍ବତନ ସରପଞ୍ଚ ସୋମନାଥ ମାଡ଼ିଙ୍କ ସହ ଗୋରାଖୁଣ୍ଟା, ଶିଖପାଲି, ତଣ୍ଡାପାଲି, ମାଟେରୁ, ନିଳିଗୁଡ଼ା, ମାଟାପାକା ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମାନବାଧିକାର ସଭାପତି ପଡିଆମି କହିଛନ୍ତି, କେତେକ ବେସରକାରୀ କେନ୍ଦୁପତ୍ର ସଂସ୍ଥା କେନ୍ଦୁପତ୍ର ସଂଗ୍ରହ ଲାଗି ନିୟମ ଅନୁଯାୟୀ ପଞ୍ଚାୟତରେ ପଞ୍ଜୀକରଣ କରୁନାହାନ୍ତି। ସେମାନେ ଆଦିବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କେନ୍ଦୁପତ୍ର ସଂଗ୍ରହ ଲାଗି ଅନୁମତି ପାଇଥିବା କହି ଠକୁଛନ୍ତି। ଆଦିବାସୀଙ୍କଠାରୁ ପତ୍ର ନେଇ ଗତବର୍ଷ ପାଇବାକୁ ଥିବା ଟଙ୍କା ଏଯାଏ ଦେଇନାହାନ୍ତି। ଗତବର୍ଷର ବୋନସ ଅର୍ଥ ମଧ୍ୟ ସେମାନଙ୍କୁ ଦେଇ ନ ଥିବା ପଡିଆମି କହିଛନ୍ତି। ଏ କ୍ଷେତ୍ରରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ଶିଖପାଲିଠାରେ ବୈଠକରେ ଏକାଠି ହୋଇଥିବା ପଞ୍ଚାୟତବାସୀ।

## ସଂକ୍ଷେପରେ

### ଗୁଡ୍ ଫ୍ରାଇଡେ ପାଳିତ



ଜୟପୁର,୧୫।୪(ନି.ପ୍ର.)-ଶୁକ୍ରବାର ସାରା ବିଶ୍ୱରେ ପ୍ରଭୁ ଯୀଶୁଙ୍କ ମହାପ୍ରୟାଣ ଦିବସକୁ ସ୍ମରଣକରି ବିଭିନ୍ନ ଚର୍ଚ୍ଚରେ ପାଳିତ ହୋଇଛି ପବିତ୍ର ଗୁଡ୍ ଫ୍ରାଇଡେ। କୋରାପୁଟ ଜିଲା ଜୟପୁରସ୍ଥିତ ସ୍ଥାନୀୟ ଜେଇଏଲ୍‌ସି ଚର୍ଚ୍ଚଠାରେ ମଧ ପ୍ରଭୁ ଯୀଶୁଙ୍କ ଏହି ପବିତ୍ର ଦିବସକୁ ସ୍ମରଣକରି ସକାଳ ୯ଟାରେ ଏବଂ ଅପରାହ୍ନ ୧.୩୦ରେ ଉପାସନା କରାଯାଇଛି। ଆଜିକୁ ପ୍ରାୟ ୨ ହଜାର ବର୍ଷ ତଳେ ଧରାପୃଷ୍ଠରେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଅବତରଣ କରିଥିଲେ ଏବଂ ପରିତ୍ରାଣର କାର୍ଯ୍ୟ ସଫଳ ନିମନ୍ତେ କାଲବରି ପାହାଡ଼ ମଧ୍ୟରେ କୃଶରେ ତାଙ୍କ ପବିତ୍ର ଓ ବହୁମୂଲ୍ୟ ଶରୀରକୁ ଝୁଲାଇଦେଲେ। ଲୋକଙ୍କୁ ପରିତ୍ରାଣ ଦେବାକୁ ପ୍ରଭୁ ଯୀଶୁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ସମସ୍ତ ଖ୍ରୀଷ୍ଟିଆନ ଭଉଣୀଭାଇ ସ୍ଥାନୀୟ ଗିର୍ଜାରେ ଉପସ୍ଥିତ ରହି ଉପାସନା କରୁଥିବା ଦେଖିବାକୁ ମିଳିଥିଲା।

### ନାବାଳିକାକୁ ଯୌନ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

ଜୟପୁର, ୧୫।୪ (ନି.ପ୍ର.)- ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗରେ ଜୟପୁର ଟାଉନଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନାମ ରାଜେଶ ନାୟକ। ସେ ନାବାଳିକାଙ୍କୁ ନିର୍ଯାତନା ଦେଇ ତାଙ୍କ ନିକଟରେ ଥିବା ପୂର୍ବ ଫଟୋ ଭାଇରାଲ କରି ଦେବାକୁ ଧମକ ଦେଉଥିଲେ। ପରିବାର ଲୋକଙ୍କୁ ମାରି ଦେବାକୁ ମଧ ସେ ଧମକ ଦେଉଥିଲେ। ଶେଷରେ ନାବାଳିକାଙ୍କ ପରିବାର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି। କେସ୍ ନଂ. ୯୩/୨୨।

### ମଦ୍ୟପ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀ ମୃତ

ପଟ୍ଟାଙ୍ଗୀ,୧୫।୪(ଡି.ଏନ.ଏ.)- କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ତଥା ସୁଙ୍କି ଫାଣ୍ଡି ଅଧୀନ ଗୌଡଗୁଡା ଗ୍ରାମରେ ଶୁକ୍ରବାର ଘଟିଛି ଏକ ହତ୍ୟାକାଣ୍ଡ। ମଦ୍ୟପ ସ୍ୱାମୀର ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଘାସୁ ଖରା। ଖବରରୁ ଜଣାପଡିଛି ଏବେ ଉକ୍ତ ଅଞ୍ଚଳରେ ଗ୍ରାମବାସୀ ଚଇତି ପର୍ବ ପାଳନ କରୁଛନ୍ତି। ଏହି ସମୟରେ ସମସ୍ତେ ମଦ୍ୟପାନ କରି ନାଚଗୀତରେ ସାମିଲ ହୋଇଥାନ୍ତି। ଗୁରୁବାର ଅର୍ଜୁନ ଖରା ଅତ୍ୟଧିକ ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀ ଘାସୁଙ୍କ ସହ କୌଣସି କାରଣ ନ ଥାଇ ଝଗଡା କରିଥିଲେ। । ଏହି ସମୟରେ ସେ ମାନସିକ ଭାରସାମ୍ୟ ହରାଇ ଘାସଙ୍କୁ ବିଳମ୍ବିତ ରାତିରେ ହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ଶୁକ୍ରବାର ସୁଙ୍କି ଫାଣ୍ଡି ପୋଲିସକୁ ଜଣାଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ କରୁଣାକର ଶବର ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଅର୍ଜୁନଙ୍କୁ ଅଟକ ରଖି ତଦନ୍ତ ଏହାର ତଦନ୍ତ ଜାରି ରହିଛି। ପୋଲିସ ନିକଟରେ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅର୍ଜୁନ ସ୍ୱୀକାର କରିଛନ୍ତି।

### ଥାନା ସମ୍ମୁଖ ଦୋକାନରୁ ଚୋରି ଉଦ୍ୟମ

ସେମିଳିଗୁଡା,୧୫।୪(ସ୍ୱ.ପ୍ର.)- ସେମିଳିଗୁଡା ସହରରେ ଚୋରି ସଂଖ୍ୟା ବଢିବାରେ ଲାଗିଛି। ସେମିଳିଗୁଡା ଥାନା ସମ୍ମୁଖରୁ ମାତ୍ର କିଛି ଦୂରରେ ଥିବା ଏକ ମୋବାଇଲ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି କରିବାକୁ ଚୋରମାନେ ଉଦ୍ୟମ କରିଥିଲେ। ଦୋକାନର ସେଣ୍ଟ୍ରାଲ ଚାବିକୁ ଭାଙ୍ଗିବାକୁ ଉଦ୍ୟମ କରି ସେମାନେ ବିଫଳ ହୋଇଥିଲେ। ଦୋକାନରେ ଲାଗିଥିବା ସିସିଟିଭିରୁ ଚୋରଙ୍କ ଏପରି ଉଦ୍ୟମ ସ୍ପଷ୍ଟ ହୋଇଛି। ସେମିଳିଗୁଡା ବସଷ୍ଟାଣ୍ଡରେ ଥିବା ମ୍ୟୁନିସିପାଲିଟିର ୪ଟି ଦୋକାନରୁ ମଧ ଚୋରି ଉଦ୍ୟମ ହୋଇଛି। ସେହିପରି ସୁନାବେଡା ଅଞ୍ଚଳରେ ମଧ କେତେକ ଦୋକାନରୁ କିଛି ସାମଗ୍ରୀ ଚୋରି କରିବାରେ ଚୋରମାନେ ସଫଳ ହୋଇଛନ୍ତି। ଜଣେ ଦୋକାନ ମାଲିକ ବିଜୟ କୁମାର ଦାସ ଏନେଇ ସୁନାବେଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ସହରରେ କିଛି ଦିନ ହେଲା କିଛି ପିଲା ହାତରେ ଖଣ୍ଡିଆ ଲୁହା ଛଡ, ଲୁହା କାଟିବା ଆରି, ହାତୁଡି ଓ ମାରଣାସ୍ତ୍ର ଧରି ଅଟୋରେ ବୁଲୁଥିବା ଦେଖିବାକୁ ମିଳୁଛି।

## ରାସ୍ତା ପାର୍ଶ୍ୱକୁ ଓଲଟିଲା ଆଳୁ ବୋଝେଇ ଟ୍ରକ



ମାଲକାନଗିରି, ୧୫।୪ (ଡି.ଏନ.ଏ.)

ମାଲକାନଗିରି ଜିଲା ବୁରୁଦି ଗ୍ରାମରେ ଶୁକ୍ରବାର ଏକ ଆଳୁ ବୋଝେଇ ଟ୍ରକ ଦୁର୍ଘଟଣା ଗସ୍ତ ହୋଇଛି। ଛାତିଶଗଡ ଅଞ୍ଚଳରୁ ଏହି ଟ୍ରକ ଆଳୁ ନେଇ ମାଲକାନଗିରି ଅଭିମୁଖେ ଆସୁଥିବା ବେଳେ ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ବୁରୁଦି ଗ୍ରାମଠାରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଟ୍ରକଚାଳକ ଓ ହେଲପର ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ।

## ଗଞ୍ଜେଇ ଚୋରା ଚାଲାଣ, ୪ ଗିରଫ

ମାଲକାନଗିରି,୧୫।୪(ଡି.ଏନ୍.ଏ.)

ଗଞ୍ଜେଇ ଚୋରା ଚାଲାଣ ବେଳେ ମାଲକାନଗିରି ଜିଲା ସୀମାନ୍ତ ପଡିଆ ପୋଲିସ ଏହାକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୋଟୁ ଥାନା ଅନ୍ତର୍ଗତ ପେଟା ଗ୍ରାମର ରାଜେଶ ମାଡକାମି, କର୍ଣାଟକ ଚମ୍ପାନଗରର ଅରୁଣାଚଲମ୍, ଆୟାପ୍ପା ଓ ଶଶି କୁମାର। ସେମାନଙ୍କଠାରୁ ୨୫ କେଜି ଗଞ୍ଜେଇ ଜବତ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଶାବେରୀ ନଦୀ କୂଳରେ ଥିବା କାଳଦାପାଲି ଗ୍ରାମ ଜଙ୍ଗଲରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ପଡିଆ ଥାନା ଅଧିକାରୀ ସୁନିଲ ସୋରେନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେ ସମୟରେ ୪ଜଣ ବ୍ୟକ୍ତି ଏକ ଟ୍ରକରେ ଗଞ୍ଜେଇ ଚାଲାଣ ପାଇଁ ଅପେକ୍ଷା କରିଥିଲେ। ପୋଲିସ ଏହି ୪ଜଣଙ୍କୁ ଧରିବା ସହ ସେମାନଙ୍କଠାରୁ ଗୋଟିଏ ବସ୍ତା ଗଞ୍ଜେଇ ଜବତ କରିଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ।



ଜବତ ଗଞ୍ଜେଇ ଓ ଗିରଫ ୪ ଅଭିଯୁକ୍ତ।

## ‘ଭାରତର ସାର୍ବଭୌମତ୍ୱ ପାଇଁ ଆମ୍ବେଦ୍‌କରଙ୍କ ଅବଦାନ ଅତୁଳନୀୟ’

ଦାମନଯୋଡି,୧୫।୪(ଡି.ଏନ୍.ଏ.)

ନାଲକୋ ଅନୁସୂଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ସଂଘ ପକ୍ଷରୁ ଗୁରୁବାର ଭାରତରତ୍ନ ଭୀମରାଓ ରାମଜୀ ଆମ୍ବେଡକରଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ସେକ୍ଟର-୨ ଆମ୍ବେଡକର ଷ୍ଟାଡିୟମରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତୀରେ ଆୟୋଜକଙ୍କ ସହିତ ନାଲକୋ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସେକ୍ଟର ୧ ମୁକ୍ତମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ନାଲକୋ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ ମୁଖ୍ୟଅତିଥି, ସୁବର୍ଣ୍ଣପୁର ଜିଲା କଲ୍ୟାଣ ଅଧିକାରୀ ରବୀନ୍ଦ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। କୋରାପୁଟ ଜିଲା ପରିଷଦ ସଦସ୍ୟ ମିହିର କୁଳଦୀପ ଓ ମୋହନ ଜାନୀ (ସେମିଳିଗୁଡ଼ା), ମାଥାଲପୁଟ ପଞ୍ଚାୟତ ସମିତି ସଭ୍ୟ ଦୈତାରୀ ରାଜୁ ଓ ସରପଞ୍ଚ ରଞ୍ଜିତା ଦିଶାରୀ, ମରିଚମାଳ ପଞ୍ଚାୟତ ସମିତି ସଭ୍ୟା ତାନେଶ୍ୱରୀ ହାଁସଦା ଓ ସରପଞ୍ଚ ଲକ୍ଷ୍ମୀ ମସ୍ତିପୁଟିଆ, ନାଲକୋ ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ, ଅରୁଣ ଦାସ, ବିକାଶ ପଣ୍ଡା ଓ ପ୍ରମୋଦ ବେହେରା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଭାରତର ସାର୍ବଭୌମତ୍ୱ ପାଇଁ ଆମ୍ବେଡ଼କରଙ୍କ ଅବଦାନଅତୁଳନୀୟ ବୋଲି ଅତିଥିମାନେ କହିଛନ୍ତି। ମୁଖ୍ୟ ଅତିଥି, ମୁଖ୍ୟବକ୍ତା, ନିକଟରେ ଅନୁଷ୍ଠିତ ଆସୋସିଏଶନ ନିର୍ବାଚନ ବେଳେ ଦାୟିତ୍ୱରେ ଥିବା ଅଧକ୍ଷ ସୁଶିଲ ଲାକ୍ରା, ସଦାଶିବ ହନ୍ତାଳ ଶ୍ରୀଧର ପରିଡା ଓ ଘେନୁ ଖିଲଙ୍କୁ ସମ୍ମାନିତ କରାଯାଇଛି। ମାଥାଲପୁଟସ୍ଥିତ ଆଲୁମିନା ବାଳିକା ହାଇସ୍କୁଲକୁ ୧୫ହଜାର ଟଙ୍କା ମୂଲ୍ୟର ଏକ ଜେରକ୍ସ ମେସିନ ପ୍ରଦାନ କରାଯାଇଛି। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭାରତନାଟ୍ୟମ, ଢେମସା, ସାନ୍ତାଳୀ ନୃତ୍ୟ ଆଦି ପରିବେଷଣ କରାଯାଇଛି। ନାଲ୍‌କୋ କାର୍ଯ୍ୟକାରୀ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର ଉତ୍ସବରେ ସ୍ୱାଗତ ଭାଷଣ, ଶ୍ରୀଧର ପରିଡ଼ା ମଞ୍ଚ ସଂଯୋଜନା ଓ ଅନିରୁଦ୍ଧ ଖୋସଲା ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକଙ୍କ ପକ୍ଷରୁ ସଭାପତି ପୂର୍ଣ୍ଣଚନ୍ଦ୍ର ଜାନୀ, ସମ୍ପାଦକ ଶତ୍ରୁଘ୍ନ ଖରାଙ୍କ ସହିତ ଗଣେଶ ବେହେରା, ରାଜେନ୍ଦ୍ର ଜାନୀ, ମୋତିରାମ ଖୋସଲା, କୃଷ୍ଣଚରଣ ସେଠୀ, ଅର୍ଜୁନ କାଣ୍ଡି, ସୁବୋଧ ଖାଲକୋ, ନୁନାଥ ମାରାଣ୍ଡି, କରୁଣାକର ସେଠୀ, ସୁରେନ୍ଦ୍ର କହଁର ଓ ରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଜୟପୁରରେ ହନୁମାନ ଜୟନ୍ତୀ

ଜୟପୁର, ୧୫।୪ (ନି.ପ୍ର.)

ଜୟପୁରରେ ହନୁମାନ ଜୟନ୍ତୀ ଧୁମଧାମରେ ପାଳିତ ହୋଇଯାଇଛି। ସ୍ଥାନୀୟ ରାଜୁସାହିସ୍ଥିତ ହନୁମାନ ମନ୍ଦିର, ରଜାନହରସ୍ଥିତ ରଘୁନାଥ ମନ୍ଦିର, ୱେଲ୍‌କମ୍ ଛକସ୍ଥିତ ହନୁମାନ ମନ୍ଦିର, ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ହନୁମାନ ମନ୍ଦିର, ଢେପାଗୁଡ଼ା ହୁନମାନ ମନ୍ଦିର, ବିକ୍ରମନଗରସ୍ଥିତ ହନୁମାନ ମନ୍ଦିର, ସମ୍ବାରତୋଟାସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳନ ହୋଇଯାଇଛି। ହୋମଯଜ୍ଞ, ହନୁମାନ ଚାଳିଶା ପାଠ କରାଯାଇଛି। ଏହି ଅବସରରେ ଜୟପୁର ଦୈନିକ ବଜାରରେ ଥିବା ହନୁମାନଙ୍କ ନିକଟରେ ସ୍ୱତନ୍ତ୍ର ପୂଜା ହୋଇଥିଲା। ମନ୍ଦିରମାନଙ୍କରେ ବିଭିନ୍ନ ସଙ୍ଗଠନ ତରଫରୁ ପଣା ବଣ୍ଟନ କରାଯାଇଥିଲା। ସେହିପରି ଜୟପୁର ଜୈନ ସମ୍ପ୍ରଦାୟର ଲୋକେ ମହାବୀର ଜୟନ୍ତୀ ପାଳନ କରିଛନ୍ତି । ମହାବୀରଙ୍କ ଫଟୋକୁ ରଥରେ ବସାଇ ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଜୈନ ସମ୍ପ୍ରଦାୟର ମହିଳାମାନେ ନିଜ ସମ୍ପ୍ରଦାୟର ପାରମ୍ପରିକ ନାଚରେ ଉତ୍ସବ ପାଳନ କରିଥିଲେ।

## କୋରାପୁଟରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଆଜି ଗସ୍ତ କରିବେ କୋଟିଆ**

କୋରାପୁଟ,୧୫।୪(ସ୍ୱ.ପ୍ର.)

କୋରାପୁଟ ଜିଲା ଗସ୍ତରେ ଅସିଥିବା ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ସେ ଜୟପୁର ଏୟାର ଷ୍ଟ୍ରିପ ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ପରେ ସେଠାରୁ ଫେରି ରାତିରେ କୋରାପୁଟସ୍ଥିତ ସଦଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବ୍ରିଜ, ରାସ୍ତା କାର୍ଯ୍ୟ, ବିଭିନ୍ନ ସ୍ୱାସ୍ଥ୍ୟସେବାମୂଳକ କାର୍ଯ୍ୟ, ଉଠାଜଳସେଚନ ପ୍ରକଳ୍ପ, କ୍ଷୁଦ୍ରଜଳସେଚନ ପ୍ରକଳ୍ପ, ଜୀବନ ଜିବିକା କାର୍ଯ୍ୟକ୍ରମ, କୋଟିଆଠାରେ ଥିବା ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ମୁଖ୍ୟଶାସନ ସଚିବ କରିଥିଲେ। ଶନିବାର ମୁଖ୍ୟ ଶାସନ ସଚିବ କୋଟିଆ ପଞ୍ଚାୟତକୁ ଯାଇ ସେଠାରେ ସ୍ୱତନ୍ତ୍ର ଯୋଜନାରେ ଚାଲିଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଅନୁଧ୍ୟାନ କରିବା ସହ ଦେଓମାଳି ଯିବାର କାର୍ଯ୍ୟକ୍ରମ ରହିଛି। ଏହି ସମୀକ୍ଷା ବୈଠକରେ ଜିଲାପାଳ ଅବଦାଲ ଏମ. ଅକ୍ତାର, ଏସ୍‌ପି ବରୁଣ ଗୁଣ୍ଟୁପାଲି , ଆଇଏଏସ ପୋର୍ବେସନର ବେଦଭୂଷଣ, ଜୟପୁର ଓ କୋରାପୁଟ ଉପଜିଲାପାଳଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପୁତୁରା ମୁଣ୍ଡକୁ ଛେଚି ହତ୍ୟା କଲେ ଦାଦା

ପଡିଆ, ୧୫।୪(ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ମାଟେରୁ ପଞ୍ଚାୟତ ଅନ୍ତର୍ଗତ ଟେକାଲଗୁଡା ଗ୍ରାମରେ ଜଣେ ଦାଦା ତାଙ୍କ ନିଜ ପୁତୁରାର ମୁଣ୍ଡକୁ ଛେଚି ହତ୍ୟା କରିଥିବା ପରି ଘଟଣା ଲୋକ ଲୋଚନକୁ ଆସିଛି। ମୃତକ ହେଲେ ପଦିଆ ମାଡକାମି । ଗୁରୁବାର ସକାଳେ ପଦିଆ ଘରେ ଶୋଇଥିଲେ। ସେହି ସମୟରେ ତାଙ୍କ ସମ୍ପର୍କୀୟ ଦାଦା ଶିଙ୍ଗା ମାଡକାମି ପଦିଆଙ୍କ ଘର ନିକଟ ଦେଇ ଯାଉଥିବା ବେଳେ କୌଣସି କାରଣ ନ ଥାଇ ହଠାତ୍ ପଦିଆଙ୍କ ଘରେ ପଶି ପଦିଆଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଦିଆଙ୍କ ସ୍ତ୍ରୀ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଦିଆଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ନେଇ ଅଭିଯୁକ୍ତ ଦାଦାଙ୍କୁ ସ୍ଥାନୀୟ ଲୋକେ ବାନ୍ଧି ରଖିଥିଲେ। ପରିବାର ଲୋକେ ଏନେଇ ପଡିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୩୧/୨୨ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସୁନୀଲ କୁମାର ସୋରେନ କହିଛନ୍ତି। କୌଣସି ପାରିବାରିକ ଘଟଣାରୁ ଏପରି ଘଟିଥାଇପାରେ ବୋଲି ଏହାର ତଦନ୍ତ କରୁଥିବା ଏସଆଇ ରଜନୀକାନ୍ତ ଦୀପ କହିଛନ୍ତି।

## କୁଡୁମୁଲୁଗୁମ୍ମାରେ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ

ମାଲକାନଗିରି/କୁଡୁମୁଲୁଗୁମ୍ମା ୧୫।୪ (ଡିଏନଏ): ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଅଗ୍ନିଶମ ବାହିନୀଙ୍କ ପକ୍ଷରୁ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ୧୪ ଏପ୍ରିଲରୁ ଆରମ୍ଭ ହୋଇଥିବା ଏହି ସପ୍ତାହ ଆସନ୍ତା ୨୦ ଏପ୍ରିଲରେ ଶେଷ ହେବ। ଏହି ସମୟରେ ଗାଁ ଗାଁରେ ବୈଠକ ଅନୁଷ୍ଠିତ କରି ଲୋକମାନଙ୍କୁ ଅଗ୍ନି ପ୍ରକୋପରୁ କିପରି ଜଙ୍ଗଲକୁ ରକ୍ଷା କରାଯାଇପାରିବ ଏବଂ ହଠାତ କୌଣସି ସ୍ଥାନରେ ଅଗ୍ନିକାଣ୍ଡ ଘଟିଲେ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦେବାକୁ ସଚେତନ କରାଯାଇଥିଲା। ଅଗ୍ନିଶମ ବାହିନୀ ସବୁ ବେଳେ ଲୋକଙ୍କ ସେବା କରିବାକୁ ପ୍ରସ୍ତୁତ। ଲୋକେ ସଚେତନ ହୋଇ ଅଗ୍ନି ଦୁର୍ଘଟଣାଠାରୁ ଦୂରେଇ ରହିବାକୁ କୁଡୁମୁଲୁଗୁମ୍ମା ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ମନୋଜ କୁମାର ସେଠୀ ପରାମର୍ଶ ଦେଇଥିଲେ।

## ସାହିତ୍ୟ ଜୀବନକୁ ପରିପୂର୍ଣ୍ଣ କରେ

ମସତା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ
- ଗବେଷକ ରଙ୍ଗ ନାୟକ, ଗାଳ୍ପିକ ପରୀକ୍ଷିତ ସାହୁଙ୍କୁ ସତା ସହିତ୍ୟ ସମ୍ମାନ

କୋରାପୁଟ,୧୫।୪(ସ୍ୱ.ପ୍ର)

କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟରେ ସତ୍ତା ସାହିତ୍ୟ ସଂସଦର ୪୧ତମ ବାର୍ଷିକ ଉତ୍ସବ ତଥା ବିଷୁବ ମିଳନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଲେଖକ ତଥା ଗବେଷକ ବାଣୀଶ୍ରୀ ରଙ୍ଗ ନାୟକ ଓ ଗାଳ୍ପିକ ପରୀକ୍ଷିତ ସାହୁଙ୍କୁ ସତା ସହିତ୍ୟ ସମ୍ମାନ -୨୦୨୨ରେ ସମ୍ମାନିତ କରାଯାଇଥିଲା। ସଂସଦ ସଭାପତି ଜଳଧର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷ୍ଣ ସିଂ, ମୁଖ୍ୟବକ୍ତା ଭାବେ ଡ. ଗଣେଶ ପ୍ରସାଦ ସାହୁ ସମ୍ମାନିତ ଅତିଥି ରୂପେ ସାହିତ୍ୟ ଏକାଡେମୀ ସଦସ୍ୟ ଲକ୍ଷ୍ମୀକାନ୍ତ ପାଢୀ ଯୋଗଦେଇ ଯୁଦ୍ଧ ଓ ସାହିତ୍ୟ ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ଯୁଦ୍ଧ କିପରି ବିନାଶ ଆଣେ ଆଉ ସାହିତ୍ୟ କିପରି ଜୀବନକୁ ପରିପୂର୍ଣ୍ଣ କରେ ତାହା ଅତିଥିମାନେ ତୁଳନାତ୍ମକ ଭାବେ ଉପସ୍ଥାପନ କରିଥିଲେ । ଏହି ଅବସରରେ ସାହିତ୍ୟ ବିଶାରଦ ମନମୋହନ ଆଚାର୍ଯ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅପରାହ୍ନରେ ଆୟୋଜିତ କବିତା ପାଠୋତ୍ସବରେ ବହୁ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ବିଦ୍ୟୁତପ୍ରଭା ରଥ, ଏମ.ଜେ.ସ୍ୱାଇଁ, ସମ୍ପାଦକ ଜୟନ୍ତ ମିଶ୍ର, ସହ ସମ୍ପାଦକ ମନୋରଞ୍ଜନ ରାଉତରାୟ, ରଞ୍ଜନ ଦାସ, ଶାରଦା ଖୁଣ୍ଟିଆ, ସୌମେନ୍ଦ୍ର ସ୍ୱାଇଁ, ସଦାଶିବ ତ୍ରିପାଠିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ତହସିଲ କାର୍ଯ୍ୟାଳୟ ରେକର୍ଡ ପତ୍ର ଯାଞ୍ଚ କଲେ ରାଜସ୍ୱ ପରିଷଦ ସଭ୍ୟ

ପଟ୍ଟାଙ୍ଗୀ,୧୫।୪(ଡି.ଏନ.ଏ.)

କୋରାପୁଟ ଜିଲା ଗସ୍ତରେ ଆସିଥିବା ରାଜସ୍ୱ ପରିଷଦ ସଭ୍ୟ ଜି.ଭିଭି ଶର୍ମା ଗୁରୁବାର ଜିଲା ସଦର ମହକୁମାରେ ପହଞ୍ଚି ନିଜ କାର୍ଯ୍ୟ ସାରି ବିଶାଖାପାଟଣା ଗସ୍ତ କରିଥିଲେ। ଶୁକ୍ରବାର ବିଶାଖାପାଟଣାରୁ ଫେରି ସେ ପଟ୍ଟାଙ୍ଗୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ରେକର୍ଡପତ୍ର ଯାଞ୍ଚ କରିଥିଲେ। ପ୍ରଭିଜନାଲ ଆଇଏଏସ ବେଦ ଭୂଷଣ, ଏଡିଏମ ତଥା ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ଉପ ଜିଲାପାଳ ଲଳିତ କହଁର , ରାଜସ୍ୱ ଡେପୁଟି କଲେକ୍ଟର ସାଗରିକା ଷଡଙ୍ଗୀ ଏବଂ ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ସୌମ୍ୟସାର୍ଥକ ମିଶ୍ର, ବିକାସ ଭତ୍ରା ଓ ସୁପ୍ରଭାଇଜର ଗୋଲକ ପରିଡ଼ାଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ରାଜସ୍ୱ ପରିଷଦ ସଭ୍ୟ ଶର୍ମାଙ୍କୁ ତାଙ୍କ ଗସ୍ତର ଉଦ୍ଦେଶ୍ୟ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ ସେ କହିଲେ ଯେ, ବେଳେବେଳେ ସମସ୍ତ ତହସିଲକୁ ଇନ୍ସପେକ୍ସନ କରାଯାଏ। ତହସିଲର ବିଭିନ୍ନ କାର୍ଯ୍ୟ କିପରି ହେଉଛି, କି ସମସ୍ୟା ରହିଛି ରିପୋର୍ଟ ସଂଗ୍ରହ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥାଏ।

ଏହି ସମୟରେ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ରାଜସ୍ୱ ପରିଷଦ ସଭ୍ୟ ଶର୍ମାଙ୍କୁ ଭେଟିଥିଲେ। ତହସିଲରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ନ ଥିବାରୁ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଖୁବ୍ ଶୀଘ୍ର ସେ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ପଟ୍ଟାଙ୍ଗୀ ତହସିଲରେ ନାହାନ୍ତି ସ୍ଥାୟୀ ତହସିଲଦାର, ସମସ୍ୟାରେ ଜନସାଧାରଣ

ପଟ୍ଟାଙ୍ଗୀ,୧୫।୪(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଆନ୍ଧ୍ର ସୀମାନ୍ତ ଅଞ୍ଚଳ ରୂପେ ପରିଚିତ। ଏଠାରେ ବ୍ଲକ, ତହସିଲ କାର୍ଯ୍ୟାଳୟ ସହ ଅନ୍ୟାନ୍ୟ କାର୍ଯ୍ୟାଳୟ ରହିଛି। ତହସିଲ କାର୍ଯ୍ୟାଳୟ ପ୍ରତି ସରକାର ଓ ଜିଲା ପ୍ରଶାସନର ଅବହେଳା ଯୋଗୁ ସାଧାରଣ ଲୋକେ ଓ ଛାତ୍ରୀଛାତ୍ର ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି।

ଖବରରୁ ଜଣାପଡ଼ିଛି ଉକ୍ତ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଭାବେ ହରିପଦ ମଣ୍ଡଳ ଏବଂ ଅତିରିକ୍ତ ତହସିଲଦାର ଭାବେ ମହାଦେବ ଭତ୍ରା କାର୍ଯ୍ୟରତ ଥିଲେ। ମାତ୍ର ଏହି ଦୁଇ ଅଧିକାରୀ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟର ଅର୍ଥ ହେରଫେର ଘଟଣାରେ ମାର୍ଚ୍ଚ ୯ରେ ନିଲମ୍ବିତ ହୋଇଛନ୍ତି। ସେବେଠାରୁ ଏମାନଙ୍କ ସ୍ଥାନରେ ଏଯାଏ ସରକାର କାହାକୁ ସ୍ଥାୟୀ ନିଯୁକ୍ତି ଦେଇନାହାନ୍ତି। ସ୍ଥାନୀୟ ବିଡିଓ ସୌମ୍ୟସାର୍ଥକ ମିଶ୍ର ତହସିଲ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ବେଳେ କୋରାପୁଟ ତହସିଲଦାର ରଞ୍ଜନ କୁମାର ମାନ୍‌ସେଠ , ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଦାୟିତ୍ୱରେ ଦୁଇ ଅଧିକାରୀଙ୍କୁ ରଖିଦେଇ ସରକାର ଏଯାଏ ନୀରବ ରହିଛନ୍ତି। ୧୪ଟି ପଞ୍ଚାୟତବାସୀ ନିର୍ଭର କରୁଥିବା ଏହି ତହସିଲ ଅଧୀନରେ ସମ୍ବାଇ ଏବଂ କୋଟିଆ ପଞ୍ଚାୟତ ରହିଛି। ଏହି ଦୁଇ ପଞ୍ଚାୟତ ଆନ୍ଧ୍ର ସୀମାକୁ ଲାଗିଛି। କୋଟିଆ ଉପରେ ଆନ୍ଧ୍ରର ନଜର ସର୍ବଦା ରହିଛି। ବାରମ୍ବାର ଅନୁପ୍ରବେଶ କରି ଆନ୍ଧ୍ର କୋରାପୁଟ ଜିଲା ପ୍ରଶାସନର ଚିନ୍ତା ବଢ଼ାଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବା ବେଳେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ପଡୁଥିବା ଜାତିଗତ ପ୍ରମାଣପତ୍ରଠାରୁ ଆରମ୍ଭକରି ଆୟ, ସ୍ଥାୟୀ ବାସିନ୍ଦା, ଓବିସି, ଏସ୍‌ଇବିସି ଓ ଉତ୍ତରାଧିକାରୀ ପରି ପ୍ରମାଣପତ୍ର ଠିକ୍ ସମୟରେ ମିଳୁ ନ ଥିବାରୁ ଛାତ୍ରୀଛାତ୍ର କେତେକ କ୍ଷେତ୍ରରେ ବିଦ୍ୟାଳୟରେ ନାମ ଲେଖାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ପ୍ରକାଶ କରିଛନ୍ତି। ତହସିଲ କାର୍ଯ୍ୟାଳୟରେ ସ୍ଥାୟୀ ତହସିଲଦାର ଥିବା ସମୟରେ ପ୍ରତି ସପ୍ତାହରେ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ୪୦ରୁ ୫୦ ଜମିଜମା ପଞ୍ଜୀକରଣ ହେଉଥିବା ବେଳେ ବର୍ତ୍ତମାନ ତାହା ଠିକ୍ ରୂପେ ହୋଇପାରୁନାହିଁ। ଫଳରେ ଜମିଜମା କିଣାବିକା ନେଇ ପଞ୍ଜୀକରଣ କରି ନ ପାରି ଲୋକମାନେ ନିରାଶ ହୋଇ ଫେରୁଛନ୍ତି। ସୂଚନାଯୋଗ୍ୟ, ପଟ୍ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ଅଧୀନରେ ରହିଥିବା ୫ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ୪ ଆର୍‌ଆଇଙ୍କ ସହ ୨ ଏଆର୍‌ଆଇ ରହିଛନ୍ତି। ଏଥିମଧ୍ୟରୁ ଜଣେ ଆର୍‌ଆଇ ଟ୍ରେନିଂରେ ରହିଛନ୍ତି। ତହସିଲ କାର୍ଯ୍ୟାଳୟ ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ତୁରନ୍ତ ସ୍ଥାୟୀ ତହସିଲଦାର ନିଯୁକ୍ତି ପାଇଁ ସାଧାରଣରେ ଦାବି ହେଉଛି।




ପଟ୍ଟାଙ୍ଗୀ ତହସିଲ କାର୍ଯ୍ୟାଳୟ।

